بِسۡمِ اللّٰہِ الرَّحۡمٰنِ الرَّحِیۡمِ

১৯ জুলাই ২০২৪ খুত্‌বা জুমার সারাংশ

ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ବନୁ ମୁସ୍ତଲିକ୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା ଏବଂ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ତଥା ସେଥିରେ ଯୋଗଦାନକାରୀଙ୍କ ପାଇଁ ଦୁଆ କରିବାକୁ ପ୍ରିୟ ହୁଜୁର ଅନଓ୍ୱର [ଅ.ବ]ଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ବନୁ ମୁସ୍ତଲିକ୍ ଯୁଦ୍ଧର ଚର୍ଚ୍ଚା କରିଥିଲି । ତାହାର ଅଧିକ ବ୍ୟାଖ୍ୟା ଆହାଦିସ୍ ଓ ଇତିହାସ ପୃଷ୍ଠାରେ ବର୍ଣ୍ଣିତ ରହିଛି । ତେବେ ସହି ବୁଖାରୀରେ ଏହାର ବିସ୍ତୃତ ବ୍ୟାଖ୍ୟାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ବନୁ ମୁସ୍ତଲିକ୍ (ଗୋଷ୍ଠୀ) ଉପରେ ଆକ୍ରମଣ କଲେ ସେତେବେଳେ ସେମାନେ ଅଜ୍ଞାତବାସରେ ଥିଲେ ।

ହଜରତ ମିର୍ଜା ବଶିର ଅହେମଦ[ର.ଅ] ଏହି ଘଟଣାଚକ୍ର ସଂକ୍ରାନ୍ତରେ କୁହନ୍ତି; ଏହି ପରିପ୍ରେକ୍ଷୀରେ ସହି ବୁଖାରୀରେ ଏକ ବର୍ଣ୍ଣନା ମିଳେ ଯେ, ହଜରତ ମୁହମ୍ମଦ[ସ.ଅ] ବନୁ ମୁସ୍ତଲିକ୍ ଉପରେ ଏପରି ସମୟରେ ଆକ୍ରମଣ କଲେ କି ସେମାନେ ନିଶ୍ଚିନ୍ତରେ ନିଜ ଜୀବଯନ୍ତୁଙ୍କୁ ପାଣି ପିଆଉ ଥିଲେ । ଯଦି ଏହି ବର୍ଣ୍ଣନାକୁ ଧ୍ୟାନ ପୂର୍ବକ ଦେଖାଯାଏ ତେବେ ଜଣାଯିବ ଯେ, ଏହା ଇତିହାସବିତ୍‌ମାନଙ୍କ ବର୍ଣ୍ଣନା ବିପରୀତ ନୁହେଁ । ବାସ୍ତବରେ ଏହା ଦୁଇଟି ବର୍ଣ୍ଣନା ଦୁଇ ଗୋଟି ଭିନ୍ନ ସମୟର । ପ୍ରକୃତ ଘଟଣା ଏହିକି ଯେ, ଯେତେବେଳେ ମୁସଲମାନ ସେନା ବନୁ ମୁସ୍ତଲିକ୍ (ଗୋଷ୍ଠୀ)ର ନିକଟବର୍ତ୍ତୀ ହେଲା ସେତେବେଳେ ସେମାନଙ୍କୁ ଜଣା ନଥିଲା କି ମୁସଲମାନମାନେ ତାଙ୍କର ଏତେ ନିକଟବତର ହୋଇଗଲେଣି । ଯଦିଚ ସେମାନଙ୍କୁ ମୁସଲମାନମାନଙ୍କ ଆଗମନର ସୂଚନା ମିଳି ଯାଇଥିଲା ତଥାପି ସେମାନେ ନିଶ୍ଚିନ୍ତରେ ବସି ରହିଥିଲେ । ତାଙ୍କର ଏହି ଅବସ୍ଥା ପ୍ରତି ସହି ବୁଖାରୀ ଇଙ୍ଗିତ କରୁଅଛି । ଆଉ ଯେତେବେଳେ ମୁସଲମାନ ସେନା ତାଙ୍କ ନିକଟରେ ପହଞ୍ଚି ଯିବାର ଖବର ମିଳିଲା ସେତେବେଳେ ସେମାନେ ନିଜ ପୂର୍ବ ପ୍ରଚଳିତ ପ୍ରଥାନୁଯାୟୀ ସଙ୍ଗେସଙ୍ଗେ ଧାଡ଼ି ବାନ୍ଧି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ ଏବଂ ଇତିହାସବିତ୍‌ମାନେ ଏହି ଅବସ୍ଥାର ବର୍ଣ୍ଣନା କରିଛନ୍ତି ।

ଏହି ଯୁଦ୍ଧରେ ଜଣେ ସାହାବି ଶହିଦ୍ ହୋଇଥିଲେ ଏବଂ ସେ ମଧ୍ୟ ଭୁଲ ବଶତଃ ଅର୍ଥାତ ଜଣେ ମୁସଲମାନ ତାଙ୍କୁ ଶତ୍ରୁ ପକ୍ଷର ମନେକରି ନିହତ କରି ଦେଇଥିଲେ । ବିଶ୍ୱାସକାରୀଙ୍କ ମାତା ହଜରତ ଯୁଐରିୟ[ର.ଅ] କୁହନ୍ତି; ଏହି ଯୁଦ୍ଧ ଦିବସରେ ମୁଁ ନିଜ ପିତାଙ୍କୁ ଏହା କହୁଥିବାର ଶୁଣିଲି ଯେ, ଏତେ ବଡ଼ ସେନା ଆସି ଆମ ସମ୍ମୁଖରେ ଦଣ୍ଡାୟମାନ ଯାହାର ମୁକାବିଲା କରିବା ଆମ ସାମର୍ଥ୍ୟ ବାହାରେ । ଆପଣ[ର.ଅ] କୁହନ୍ତି; ମୁଁ ସ୍ୱୟଂ ଏତେ ଅଧିକ ସୈନିକ, ଅସ୍ତ୍ରଶସ୍ତ୍ର ଓ ଘୋଡ଼ା ଦେଖିଥିଲି ଯାହାକି ମୁଁ ବର୍ଣ୍ଣନା କରିପାରିବି ନାହିଁ । କିନ୍ତୁ ଯେତେବେଳେ ମୁଁ ଇସଲାମ ଧର୍ମ ଗ୍ରହଣ କଲି ଓ ନବୀଶିରୋମଣୀ ମୋତେ ବିବାହ କଲେ ଏବଂ ଆମେ (ମଦିନା) ପ୍ରତ୍ୟାବର୍ତ୍ତନ

କଲୁ ସେତେବେଳେ ମୋତେ ସେହି ସୈନିକମାନେ ପୂର୍ବ ପରି ଅଧିକ ପ୍ରତୀତ ହେଲେ ନାହିଁ । **ସେତେବେଳେ ମୁଁ ଜାଣି ପାରିଲି ଯେ, ଏହା ଈଶ୍ୱରଙ୍କ ପରାକ୍ରମତାର ଦିଗ୍‌ଦର୍ଶନ ଥିଲା ଯାହାକି ଅମାନ୍ୟକାରୀ (ଶତ୍ରୁ ପକ୍ଷ)ଙ୍କ ହୃଦୟକୁ ଗ୍ରାସ କରିଥିଲା ।**

ଯୁଦ୍ଧ ଉପରାନ୍ତେ ମାଲେ ଗନିମତ୍ (ଯୁଦ୍ଧ ବିଜୟ ସମ୍ପତ୍ତି)ରେ ମୁସଲମାନମାନଙ୍କୁ ହାସଲ ହୋଇଥିବା ଓଟମାନଙ୍କ ସଂଖ୍ୟା ଦୁଇ ହଜାର ଥିଲା, ଛେଳିମାନଙ୍କ ସଂଖ୍ୟା ପାଞ୍ଚ ହଜାର ଥିଲା ଏବଂ କଏଦୀମାନଙ୍କ ସଂଖ୍ୟା ୨୦୦ପରିବାରରେ ପର୍ଯ୍ୟବସିତ ଥିଲା । କେତେକ ଇତିହାସବିତ୍ କଏଦୀମାନଙ୍କ ସଂଖ୍ୟା ୭୦୦ରୁ ଉର୍ଦ୍ଧ୍ୱ ବର୍ଣ୍ଣନା କରିଛନ୍ତି । ହଜରତ ମୁହମ୍ମଦ[ସ.ଅ] ସମ୍ପୂର୍ଣ୍ଣ ମାଲେ ଗନିମତ୍ ମଧ୍ୟରୁ ଏକ ପଞ୍ଚମାଂଶ ପୃଥକ କଲେ । ଅଲ୍ଲାଃଙ୍କ ଆଦେଶନୁଯାୟୀ ମାଲେ ଗନିମତ୍‌ର ଏକ ପଞ୍ଚମାଂଶ ଅଲ୍ଲାଃ, ତାଙ୍କ ରସୁଲ୍ ଓ ରସୁଲ୍‌ଙ୍କ ନିକଟ ସମ୍ପର୍କିୟ ତଥା ଇସଲାମର ଆବଶ୍ୟକତା ପୂରଣ କରିବାରେ ବିନିଯୋଗ ହୋଇଥାଏ ।

ଉକ୍ତ କବିଲା (ଗୋଷ୍ଠୀ)ର ଯେଉଁ ଲୋକମାନେ କଏଦ ହୋଇଥିଲେ ସେମାନଙ୍କ ମଧ୍ୟରେ କବିଲାର ସରଦାର୍ ହାରିସ୍ ବିନ୍ ଅବି ଜରାର୍‌ଙ୍କ କନ୍ୟା ବର୍‌ରାଃ ମଧ୍ୟ ସାମିଲ ଥିଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ତାଙ୍କର ନାମ ପରିବର୍ତ୍ତନ କରି ଯୁଐରିୟା ରଖିଥିଲେ । ସାହାବାଙ୍କ ମଧ୍ୟରେ ଉକ୍ତ କଏଦୀମାନଙ୍କୁ ବାଣ୍ଟି ଦିଆଯାଇଥିଲା ତେବେ ଯୁଐରିୟା (ହାରିସ୍‌ଙ୍କ କନ୍ୟା) ଜଣେ ଅନସାରୀ ସାହାବି ସାବିତ୍ ବିନ୍ କୈସ୍ [ର.ଅ]ଙ୍କ ଅଧୀନ ହୋଇଥିଲେ । ଯୁଐରିୟା ସାବିତ୍ ବିନ୍ କୈସ୍ [ର.ଅ]ଙ୍କ ସହିତ ଫିଦ୍‌ୟା (କୌଣସି ଦାସ ଅବା ଦାସୀ ନିଜ ମାଲିକ ଠାରୁ ମୁକ୍ତ ହେବା ପାଇଁ ଯେଉଁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରିବାର ଚୁକ୍ତି ସାକ୍ଷର କରନ୍ତି) ପୈଠ କରି ସ୍ୱାଧୀନ ହୋଇଯିବାର ନିଷ୍ପତ୍ତି ନେଇଥିଲେ ତେବେ ଏହିସ୍ଥଳେ ଯେଉଁ ରାଶି ସ୍ଥିର ହୋଇଥିଲା ତାହା ୯ ଓ୍ୱକିୟା ସ୍ୱର୍ଣ୍ଣ (ମୁଦ୍ରା) ଥିଲା । ଯାହାକି ୩୬୦ଦିରହମ୍ ହେଉଛି, ତାହା ସେ ଫିଦ୍‌ୟା ଆକାରରେ ପ୍ରଦାନ କରିଦେଲେ ସ୍ୱାଧୀନ ହୋଇଯିବେ । ଏହି ରାଜିନାମା ପରେ ବର୍‌ରାଃ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସମ୍ପୂର୍ଣ୍ଣ ଘଟଣାଚକ୍ର (ନିଜ ଗୁହାରୀ) ହୁଜୁର [ସ.ଅ]ଙ୍କୁ ଜଣାଇଲେ । ଆଉ ସେ ବନୁ ମୁସ୍ତଲିକ୍ କବିଲାର ସରଦାର୍‌ଙ୍କ କନ୍ୟା ବୋଲି ପରିପ୍ରକାଶ କରି ନିଜ ଫିଦ୍‌ୟା ରାଶି ପରିଶୋଧ କରିବାରେ ହୁଜୁର [ସ.ଅ]ଙ୍କ ଠାରୁ ସାହାଯ୍ୟ ଲୋଡ଼ିଲେ । ତାଙ୍କର ନିଜ ପକ୍ଷ (ଏପରି ସୁନ୍ଦର ଭାବରେ) ଉପସ୍ଥାପନ କରିବାରେ ହୁଜୁର[ସ.ଅ] ପ୍ରଭାବିତ ହେଲେ ଏବଂ ସମ୍ଭବତଃ ଏହା ଚିନ୍ତା କରି ଯେ, ସେ ଜଣେ ସୁପ୍ରସିଦ୍ଧ କବିଲାର ସରଦାର୍‌ଙ୍କ କନ୍ୟା ତେଣୁ ଏହି ଦିଗରୁ ସେହି ଅଞ୍ଚଳରେ (ଇସଲାମ୍‌ର) ପ୍ରଚାର କାର୍ଯ୍ୟରେ ସରଳ ପନ୍ଥା ଉତ୍ପନ୍ନ ହେବ, ହୁଜୁର[ସ.ଅ] ତାଙ୍କ ସହିତ ବିବାହ କରିବାର ନିଷ୍ପତ୍ତି ନେଲେ । ଅତଏବ ବର୍‌ରାଃଙ୍କ ସମ୍ମତି କ୍ରମେ ହୁଜୁର[ସ.ଅ] ତାଙ୍କର ଫିଦ୍‌ୟାର ଧାର୍ଯ୍ୟ ରାଶି ପରିଶୋଧ କରି ତାଙ୍କ ସହିତ ବିବାହ କରିନେଲେ ।

ସାହାବାମାନେ ଏହା ଦେଖି ପସନ୍ଦ କଲେ ନାହିଁ କି ହୁଜୁର [ସ.ଅ]ଙ୍କ ଶ୍ୱଶୁରଘର ସମ୍ପ୍ରଦାୟକୁ ନିଜ ନିକଟରେ କଏଦ ରଖିବେ । ସୁତରାଂ ୧୦୦ପରିବାର ଅର୍ଥାତ ଶହସ୍ର କଏଦୀମାନଙ୍କ ଠାରୁ ସେମାନଙ୍କ ବିନା ଫିଦ୍‌ୟା ରାଶି ଆଦାୟ କରି, ସ୍ୱାଧୀନ କରିଦେଲେ । ଏଥି ସକାଶେ ହଜରତ ଆଏଶା[ର.ଅ] କହୁଥିଲେ, **ଯୁଐରିୟା ନିଜ ଗୋଷ୍ଠୀ ସମୂହ ପାଇଁ ଅତି ମଙ୍ଗଳପ୍ରଦ ସାବ୍ୟସ୍ତ ହେଲେ ।** ହଜରତ ମୁହମ୍ମଦ[ସ.ଅ] ଏହି ଯୁଦ୍ଧରୁ ଭବ୍ୟ ବିଜୟ ଲାଭ କରି ବାହୁଡ଼ିଲେ । ଇତି ମଧ୍ୟରେ ଆପଣ[ସ.ଅ] ମୋଟ ୨୮ଦିନ ମଦିନା ବାହାରେ ରହିଥିଲେ ।

ଏହି ଅଭିଯାନରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କପଟବିଶ୍ୱାସୀଙ୍କ ସରଦାର ଅବଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍‌ର ଖଳପ୍ରବୃତ୍ତି ପ୍ରକାଶ୍ୟ ହୋଇଗଲା । ଗୋଟିଏ ଘଟଣାକୁ କେନ୍ଦ୍ର କରି ଅବଦୁଲ୍ଲାଃ ବିନ୍ ଅବି କୁରୈଶ ଓ

ହୁଜୁର [ସ.ଅ]ଙ୍କ ବିରୁଦ୍ଧରେ ନିଜ କବିଲାର ଲୋକମାନଙ୍କୁ ପ୍ରବର୍ତ୍ତାଇଲା ଏବଂ କହିଦେଲା କି ମଦିନା ପହଞ୍ଚିବା ପରେ ସବୁଠାରୁ ଅଧିକ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ସବୁଠାରୁ ନିଚ୍ଚ (ଅପଦସ୍ଥ) ବ୍ୟକ୍ତିକୁ ଉକ୍ତ ସହରରୁ ବିତାଡ଼ିତ କରିଦେବ । ଏହା ଶୁଣି ଜୈଦ୍ ବିନ୍ ଅରକମ୍[ର.ଅ] ସହ୍ୟ କରିପାରିଲେ ନାହିଁ ଏବଂ ଏହାର ପ୍ରତିବାଦ କରି ଅବଦୁଲ୍ଲାଃ ବିନ୍ ଅବିକୁ ଚୁପ କରାଇ କହିଲେ; ତୁମେ ହିଁ ନିଜ ଦଳରେ ସବୁଠାରୁ ବଡ଼ ଅପଦାର୍ଥ ଓ ଅପାରାଗ ବ୍ୟକ୍ତି । ସେଥିଅନ୍ତେ ସେ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ତାହାର ସମସ୍ତ ଗୋପନୀୟତା (ଷଡ଼ଯନ୍ତ୍ର) ପ୍ରକାଶ କରିଦେଲେ । କିନ୍ତୁ ପୁଣ୍ୟଶ୍ଲୋକ ଜୈଦ୍ [ର.ଅ]ଙ୍କର ଏହି କଥାକୁ ପସନ୍ଦ କଲେ ନାହିଁ ଏବଂ କହିଲେ; ହେ ଯୁବକ ! ସମ୍ଭବତଃ ତୁମେ ଅବଦୁଲ୍ଲାଃ ବିନ୍ ଅବି ଉପରେ କ୍ରୋଧିତ ଅଛ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଅବଦୁଲ୍ଲାଃ ବିନ୍ ଅବି ସ୍ୱୟଂ ଅବା ଅନ୍ୟ କାହାର କହିବାରେ ହୁଜୁର [ସ.ଅ]ଙ୍କ ସମ୍ମୁଖରେ ଉପସ୍ଥିତ ହେଲା ଏବଂ ଈଶ୍ୱରଙ୍କ ରାଣ ଖାଇ ସାକ୍ଷ୍ୟ ଦେଲା କି ଜୈଦ ଯାହା କିଛି କହିଛନ୍ତି, ସେସବୁ ମିଥ୍ୟା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ମଧ୍ୟ ଅନୁମିତ ଥିଲା ଯେ, ଅବଦୁଲ୍ଲାଃ ବିନ୍ ଅବି ଏପରି କଥା ନିଶ୍ଚୟ କହିଥିବ । ତତ୍ ପଶ୍ଚାତ ହଜରତ ମୁହମ୍ମଦ[ସ.ଅ] ସେଠାରୁ ପ୍ରସ୍ଥାନ କରିବାର ଆଦେଶ ଦେଲେ ଏବଂ କେତେକ ଅନସାର୍ ସରଦାରଙ୍କ ପ୍ରଶ୍ନ କରିବାରୁ ହୁଜୁର[ସ.ଅ] କହିଲେ; କ'ଣ ତୁମକୁ ଜଣା ନାହିଁ ତୁମ ମିତ୍ର କେଉଁ ପ୍ରକାର କଟାକ୍ଷ ପ୍ରୟୋଗ କରିଛି ? ଅର୍ଥାତ ମଦିନା ପହଞ୍ଚିବା ପରେ ସବୁଠାରୁ ଅଧିକ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ସବୁଠାରୁ ନିଚ୍ଚ (ଅପଦସ୍ଥ) ବ୍ୟକ୍ତିକୁ ଉକ୍ତ ସହରରୁ ବିତାଡ଼ିତ କରିଦେବ । ଏଥିରେ ସେହି ନିଷ୍ପାପର ଅନସାର୍ ସାହାବିମାନେ ଉତ୍ତର ଦେଲେ ହେ ଅଲ୍ଲାଃଙ୍କ ରସୁଲ ! **ସୁନିଶ୍ଚିତ ରୂପେ ଆପଣ[ସ.ଅ] ହିଁ ସବୁଠାରୁ ଅଧିକ ସମ୍ମାନନୀୟ ।** ସକଳ ପ୍ରଶଂସା ଅଲ୍ଲାଃ ଓ ତାହାଙ୍କ ରସୁଲ [ସ.ଅ]ଙ୍କ ସକାଶେ ଉଦ୍ଦିଷ୍ଟ । ଯଦି ଆପଣ[ସ.ଅ] ଇଚ୍ଛା କରନ୍ତି ତେବେ ଅବଦୁଲ୍ଲାଃ ବିନ୍ ଅବିକୁ ସହରରୁ ବିତାଡ଼ିତ କରି ଦିଅନ୍ତୁ । ଆଉ ଯଦି ଇଚ୍ଛା କରନ୍ତି ତେବେ ତାହା ସହିତ ନମ୍ର ଆଚରଣ କରନ୍ତୁ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅବଦୁଲ୍ଲାଃ ବିନ୍ ଅବି ଯେଉଁ କଥା କହିଥିଲା ସେଥି ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଯେଉଁ ବ୍ୟାଖ୍ୟାତ୍ମକ ଆଲୋଚନା କରିଛନ୍ତି ତାହା ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ଆସନ୍ତା ଜୁମାଦିନ ଇନ୍‌ଶାଅଲ୍ଲାଃ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ତାହାକୁ ମଙ୍ଗଳପ୍ରଦ କରନ୍ତୁ । ସମସ୍ତ କର୍ମକର୍ତ୍ତା ଓ କର୍ମୀ ନିଜର ଉତ୍ତମ ଆଚରଣ ପ୍ରଦର୍ଶନ କରି ସେବା ଏବଂ ବଳିଦାନ ମନୋବୃତ୍ତିରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ଯେଉଁ ଅତିଥିମାନେ ଆସି ପହଞ୍ଚି ଗଲେଣି ଓ ଯେଉଁମାନେ ଯାତ୍ରା କରୁଛନ୍ତି ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ତିନି ଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । **ପ୍ରଥମ** ଶ୍ରୀମତୀ ସଲିମା ବାନୁ ସାହେବାଃ ପତ୍ନୀ ଶ୍ରୀମାନ ହମିଦ କୌସର୍ ସାହେବ ନାଜିର୍ ଦାଓ୍ୱତ୍ ଇଲଲ୍ଲାଃ ଉତ୍ତର ଭାରତ । ମୃତକ ଜଣେ ମୁସି (ଓ୍ୱସିୟତ୍‌କାରୀ) ମହିଳା ଥିଲେ । ଅତ୍ୟନ୍ତ ଅତିଥିସତ୍କାରୀ, ସରଳ ସ୍ୱଭାବର ଅଧିକାରୀଣୀ, ଦୁଆକାରୀ, ନଓ୍ୱାଫିଲ୍ (ଅତିରିକ୍ତ ନମାଜ) ପାଠକାରୀ, ସ୍ୱଳ୍ପରେ ସନ୍ତୁଷ୍ଟ ରହିବା ମହିଳା ଥିଲେ । ମୁମ୍ବାଇରେ ରହଣି କାଳରେ ସେ ସଦର୍ ଲଜ୍‌ନା ଭାବରେ ସେବା ସମ୍ପାଦନ କରିଥିଲେ । ଆଉ ଯେତେବେଳେ ତାଙ୍କ ସ୍ୱାମୀ କବାବିର୍‌ରେ ମୁବଲିଗ୍ ଭାବରେ ମୁତୟନ ଥିଲେ ସେଠାରେ ଖୁବ୍ ଶୀଘ୍ର ଆରବୀ କଥୋପକଥନ ଭାଷା ଶିଖିନେଲେ ଏବଂ ମହିଳାମାନଙ୍କ ଶିକ୍ଷା ଓ ସଂସ୍କାର କରିବାରେ ପୂର୍ଣ୍ଣ ଯୋଗଦାନ କରିଥିଲେ । ସେଠାରେ ମହିଳାମାନଙ୍କ ଇଜ୍‌ତେମା (ପ୍ରତିଯୋଗୀତା)ର ସୁଭାରମ୍ଭ କରିଥିଲେ ।

ଲଜ୍‌ନା ଇମାଇଲା କବାବିର୍‌ର ଇଜ୍‌ତେମା ପ୍ରସଙ୍ଗରେ ଚତୁର୍ଥ ଖଲିଫା ତାଙ୍କର ପ୍ରଶଂସା କରି କହିଥିଲେ; ଲଜ୍‌ନା ଇମାଇଲା କବାବିର୍ ସମଗ୍ର ଆରବ ଦେଶର ମହିଳା ସଂଘ । ସେମାନଙ୍କ ମଧ୍ୟରେ ମାତ୍ର ଜଣେ କାଶ୍ମୀର (ଭାରତରୁ) ଆସିଥିବା ମହିଳା ରହିଛନ୍ତି କିନ୍ତୁ ସେ ମଧ୍ୟ ଏବେ ସମ୍ପୂର୍ଣ୍ଣ ରୂପେ ଆରବୀ ପାଲଟି ଯାଇଛନ୍ତି । ସେମାନଙ୍କ ସହିତ ମିଶ୍ରିତ ହୋଇ ତାଙ୍କର ଶିକ୍ଷା ଓ ପ୍ରଶିକ୍ଷଣରେ ନିୟୋଜିତ ରହିଛନ୍ତି ।

ସେ ନିଜ ପଛରେ ଜଣେ ପୁତ୍ରୀ ଓ ଦୁଇଜଣ ପୁତ୍ର ସନ୍ତାନ ଛାଡ଼ି ଯାଇଛନ୍ତି । ବଡ଼ ପୁଅ ଅତାଉଲ୍ ମୁଜିବ୍ ମୁବଶିର୍ କୌସର୍ ଏଠାରେ (ଇଂଲଣ୍ଡରେ) ରହି M.T.A ଅଲ୍ ଆରବିୟା ପାଇଁ ସେବା ସମ୍ପାଦନ କରୁଛନ୍ତି । ତାଙ୍କର କନ୍ୟା ବୁଶରା କୌସର୍ ଡ଼ାଃ ଐମନ୍ ଓ୍ୱଦେ ସାହେବଙ୍କର ପତ୍ନୀ । ସେ ଲଜ୍‌ନା ଇମାଇଲା ହଲାଣ୍ଡରେ, ଆନ୍ତର୍ଜାତିକ ସେକ୍ରେଟେରୀ ଭାବରେ ସେବା ସମ୍ପାଦନ କରୁଛନ୍ତି । କନିଷ୍ଠ ପୁତ୍ର ଶରିଫ୍ କୌସର୍ କାଦିୟାନରେ ମୁରବି ରୂପେ ସେବା ସମ୍ପାଦନ କରୁଛନ୍ତି । ସେ ଅତିରିକ୍ତ ସଦର୍ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଓ ସମି ବଶ୍‌ରୀ (ଶ୍ରବଣ ଓ ଦର୍ଶନ) ବିଭାଗର ଅତିରିକ୍ତ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଉଛନ୍ତି । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ପୁଣ୍ୟାବଳୀଗୁଡ଼ିକୁ ତାଙ୍କର ସନ୍ତାନମାନଙ୍କ ମଧ୍ୟରେ ଅବ୍ୟାହତ ରଖନ୍ତୁ ।

**ଦ୍ୱିତୀୟ** ମୃତକ ଶ୍ରୀମାନ ନୁରୁଲ୍ ହକ୍ ମଜହର୍ ସାହେବ ଲାହୋର ନିବାସୀଙ୍କର ରହିଛି । ମୃତକ ଜଣକ ମୁସି (ଓ୍ୱସିୟତ୍‌କାରୀ) ଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟଧାରୀ, ବୀର, ନିର୍ଭୀକ, ତହଜୁଦ୍ ପାଠକାରୀ, ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠକାରୀ, ଉତ୍କଣ୍ଠିତ ମନରେ ପବିତ୍ର କୁରଆନର ଆବୃତ୍ତିକାରୀ, ଦାନୀ, ଅଭାବିମାନଙ୍କ ପ୍ରତିପାଳକ, ପୁଣ୍ୟବନ୍ତ ସ୍ୱଭାବର ଅଧିକାରୀ ଥିଲେ । ମୃତକଙ୍କ ସୁପୁତ୍ର ଶ୍ରୀମାନ ରାଗିବ୍ ଜିୟା ଓ ପୁତ୍ରୀ ଅମତୁଲ୍ ମତିନ୍ ସାହେବାଃ ନିଜ କର୍ମକ୍ଷେତ୍ରରେ ସେବା ସମ୍ପାଦନ କରୁ ଥିବାରୁ ନିଜ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇପାରି ନାହାନ୍ତି ।

**ତୃତୀୟ** ମୃତକ ଶ୍ରୀମତୀ ଅମତୁଲ୍ ହଫିଜ୍ ନଗହତ୍ ସାହେବାଃ ପତ୍ନୀ ଶ୍ରୀମାନ ମୁହମ୍ମଦ ଶଫୀ ସାହେବ ରବଓ୍ୱା ନିବାସୀଙ୍କର ରହିଛି । ମୃତକ ଜଣକ ନମାଜ ଓ ରୋଜା (ବ୍ରତ) ପାଳନକାରୀଣୀ, ଦୁଆକାରୀଣୀ, ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ରକ୍ଷାକାରୀଣୀ, ଧର୍ମପ୍ରଚାର କରିବାରେ ଅଭିରୁଚି ରଖୁଥିବା, ଗରିବ ଓ ଅସୁସ୍ଥ ଲୋକମାନଙ୍କ ସେବା ଶୁଶୃଷାକାରୀଣୀ, ଉତ୍ତମ ଚରିତ୍ରର ଅଧିକାରୀଣୀ ମହିଳାଟିଏ ଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକମାନଙ୍କ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।